କରିଦିଅ ମୋତେ ସାଇଁ

ବଟକୃଷ୍ଣ ସ୍ୱାଇଁ

(୧)

ଏଡ଼େ ଝଙ୍କାଳିଆ ବରଗଛଟିଏ
ନ କରିଲେ ପଛେ ନାହିଁ
ଛୋଟ ହେଲେ ହେଉ ତୁଳସୀ ଗଛଟେ
କରିଦିଅ ମୋତେ ସାଇଁ ।
ମାଟି ଚଉରାରେ ଶୋଭା ପାଉଥାଏ
ଦାଣ୍ଡେ ଅଗଣାରେ ଥାଇ
ଦିଅଁଙ୍କର ପାଶେ ଲାଗିହୁଏ ନିତି
ସୋହାଗ ଆଦର ପାଇ ।



(୨)

ଏଡ଼େ ବଡ଼ ଜୀବ ହାତୀଟିଏ ମୋତେ
ନ କରିଲେ ପଛେ ନାହିଁ
ଛୋଟ ହେଲେ ହେଉ ମହୁମାଛିଟିଏ
କରିଦିଅ ମୋତେ ସାଇଁ ।
ଫୁଲ ପାଶେ ଯାଇ ଗୁଣୁ ଗୁଣୁ ଗାଇ
ଆହରି ଆଣେ ମୁଁ ମଧୁ
ପରହିତ ଲାଗି ବିତରି ତାହାକୁ
ଜଗତକୁ କରେ ବନ୍ଧୁ ।

(୩)

ଏଡ଼େ ମନୋହର ପଳାଶଫୁଲଟେ
ନ କରିଲେ ପଛେ ନାହିଁ
ଛୋଟ ହେଲେ ହେଉ ଗଙ୍ଗ ଶିଉଳିଟେ
କରିଦିଅ ମୋତେ ସାଇଁ ।
ସଞ୍ଜରେ ଫୁଟି ମୁଁ ସକାଳକୁ ଝରେ
ମୁଖେ ଉକୁଟାଇ ହାସ
ହରେ ଜନମନ ମଧୁର ମହକେ
ଚହଟାଇ ଚଉପାଶ ।



।। ୪ ।।

ଏଡ଼େ ସୁବିଶାଳ ସାଗର ପଛକେ
ନ କରିଲେ ମୋତେ ନାହିଁ
ଛୋଟ ହେଲେ ହେଉ ଟିକି ଝରଣାଟେ
କରିଦିଅ ମୋତେ ସାଇଁ ।
କୁଳୁକୁଳୁ ଗୀତ ଗାଇ ଦିବାନିଶି
ଡେଇଁ କେତେ ଗିରିବନ
ବିତରି ଶୀତଳ ମଧୁର ଜଳ ମୁଁ
ତୋଷୁଥିବି ଜନମନ ।

।। ୫ ।।

ଏଡ଼େ ମନଲୋଭା ପୁନେଇଁ ଜହ୍ନ ମୁଁ
ନ ହେଲେ ପଛକେ ନାହିଁ
ଛୋଟ ହେଲେ ହେଉ ମାଟି ଦୀପଟିଏ
କରିଦିଅ ମୋତେ ସାଇଁ
ଜଳିଜଳି ଯାଉ ସଳିତାଟି ମୋର
ଅନ୍ଧାରେ ଆଲୋକ ଦେଇ
ପରହିତେ ଯିଏ ଜୀବନଟା ଦିଏ
ଜଗତରେ ଧନ୍ୟ ସେଇ ।

ଶିକ୍ଷକଙ୍କ ପାଇଁ ସୂଚନା

★ ପ୍ରଥମେ ଶିକ୍ଷକ ପିଲାମାନଙ୍କୁ ଭବିଷ୍ୟତରେ କିଏ କ'ଣ ହେବାକୁ ଚାହୁଁଛନ୍ତି ପଚାରିବେ ।
★ ପିଲାମାନଙ୍କ ଠାରୁ ଉତ୍ତର ଶୁଣିବା ପରେ ତା' ଦ୍ୱାରା ସେମାନେ ଅନ୍ୟର କି ଉପକାର କରିପାରିବେ ବୋଲି ଭାବୁଛନ୍ତି, ତାହା ସେମାନେ କହିବେ ।
★ ଏହି କବିତାରେ କବି କଅଣ ଓ କାହିଁକି ହେବାକୁ ଚାହୁଁଛନ୍ତି, ସେ ବିଷୟରେ ଆସ କବିତାଟି ପଢ଼ିବା ବୋଲି ଶିକ୍ଷକ ସୂଚାଇବେ ।
★ କ୍ଷୁଦ୍ର ହେଲେ ମଧ ଜଣେ ଅନେକ ବଡ଼ବଡ଼ କାମ କରି ଜଗତର ଉପକାର କରିପାରେ; ଏବଂ ଲୋକମାନେ ତାହାକୁ ମନେ ରଖନ୍ତି ଏକଥା ଶିକ୍ଷକ ଶେଷରେ କହିବେ ।

ଆସ ଜାଣିବା କେତୋଟି ଶବ୍ଦ

ଝଙ୍କାଳିଆ	ମନୋହର	ସୁବିଶାଳ	ତୋଷୁଥିବି
ଚଉପାଶ	ମହକାଇ	ବିତରି	ମନଲୋଭା
ସୋହାଗ	ଉକୁଟାଇ	ଆହରି	ସଳିତା

୧. ଆସ କଥାବାର୍ତ୍ତା ହେବା ।

(କ) କବି ଝଙ୍କାଳିଆ ବରଗଛ ନ ହୋଇ କେଉଁ ଗଛ ହେବାକୁ ଚାହୁଁଛନ୍ତି ଓ କାହିଁକି ?

(ଖ) ତୁଳସୀ ଗଛର ଆଉ କ'ଣ ଉପକାରିତା ରହିଛି ?

(ଗ) କବି କାହିଁକି ମହୁମାଛିଟିଏ ହେବାକୁ ଚାହିଁଛନ୍ତି ?

(ଘ) ମହୁମାଛିଟିଏ ଆମର କି ଉପକାର କରେ ?

(ଙ) ପଳାଶଫୁଲ ଓ ଗଙ୍ଗଶିଉଳି ଫୁଲ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ?

(ଚ) କବି ସମୁଦ୍ର ନ ହୋଇ ଝରଣାଟିଏ ହେବାକୁ କାହିଁକି ପସନ୍ଦ କରିଛନ୍ତି ?

୨. ଏହି କବିତାରେ କବି କ'ଣ କ'ଣ ହେବାକୁ ଚାହିଁଛନ୍ତି ଲେଖ ?

....

....

....

....

୩. 'କ' ସ୍ତମ୍ଭରେ ଥିବା କେଉଁ ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା କେଉଁ ଶବ୍ଦର ସମ୍ପର୍କ ଅଛି, ତାହା ବାଛି ପାଖ ଘରେ ଲେଖିବା ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଝଙ୍କାଳିଆ	ପଳାଶଫୁଲ
ମନୋହର	ପୁନେଇଜହ୍ନ
ସୁବିଶାଳ	ସାଗର
ମନଲୋଭା	ବରଗଛ
	ଚଉରା

୪. ସରଳ ଭାଷାରେ ବୁଝାଇ ଲେଖିବା ।

ସଞ୍ଜରେ ଫୁଟି ମୁଁ ସକାଳକୁ ଝରେ
ମୁଖେ ଉକୁଟାଇ ହସ
ହରେ ଜନମନ ମଧୁର ମହକେ
ଚହଟାଇ ଚଉପାଶ ।

....

....

....

୫. 'ନ ଗଲେ ପଛେ', 'ନ ଖାଇଲେ ପଛେ', 'ନ ଦେଲେ ପଛେ', 'ନ ଆସିଲେ ପଛେ', - ଏହି ବାକ୍ୟାଂଶଗୁଡ଼ିକ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ରଚନା କରିବା ।

ଉଦାହରଣ - ମୋତେ ହାତୀଟିଏ ନ କଲେ ପଛେ ନାହିଁ, ଗୋଟିଏ ମହୁମାଛି କରିଦିଅ ।

୬. ପଦ୍ୟଟିକୁ ପଢ଼ି ଶବ୍ଦଗୁଡ଼ିକର ଅର୍ଥ ଲେଖିବା ।

ମନୋହର .... ଗିରିବନ ....

ମହକାଇ .... ସୁବିଶାଳ ....

ଦିବାନିଶି .... ମନଲୋଭା ....

୭. 'ଗୁଣୁଗୁଣୁ' ପରି ଆଉ ୫ଟି ଯୋଡ଼ା ଶବ୍ଦ ଲେଖିବା ।

....

....

୮. ତଳେ ଦିଆଯାଇଥିବା କଥାଗୁଡ଼ିକରୁ ଯେଉଁଟି ଠିକ୍ ତାହା ପାଖରେ (✔) ଚିହ୍ନ ଏବଂ ଯେଉଁଟି ଭୁଲ୍ ତା ପାଖରେ (✕) ଚିହ୍ନ ଦିଅ ।

କ. ଏଠାରେ କବି ବରଗଛଟିଏ ହେବାକୁ ଚାହୁଁଛନ୍ତି ।

ଖ. ଝରଣାଟିଏ ଶୀତଳ ମଧୁର ଜଳ ଦାନ କରେ ।

ଗ. ଗଙ୍ଗଶିଉଳି ଫୁଲ ସକାଳେ ଫୁଟି ସଞ୍ଜରେ ଝଡ଼ିଯାଏ ।

ଘ. କବି ପଳାଶଫୁଲ ନ ହୋଇ ଗଙ୍ଗଶିଉଳି ଫୁଲ ହେବାକୁ ଚାହୁଁଛନ୍ତି ।

ଙ. ମହୁମାଛି ଜଗତକୁ ବନ୍ଧୁ କରିଥାଏ ।

ଚ. ପଳାଶ ଫୁଲର ଭଲ ବାସ୍ନା ଥାଏ ।

ଛ. ଆମେ ସମସ୍ତେ ପର ପାଇଁ କାମ କରିବା ଉଚିତ ।

୯. ଉପର ଚିତ୍ରଟି ଦେଖି ଚାରି ଧାଡ଼ିର ଏକ କବିତା ଲେଖ ।

____

____

____

____

ତୁମ ପାଇଁ କାମ

- ତୁଳସୀ ଗଛର ଉପକାରିତା ବିଷୟରେ ପିତାମାତାଙ୍କୁ ପଚାରି ଲେଖ ।
- ବଟକୃଷ୍ଣ ସ୍ୱାଇଁଙ୍କର ଅନ୍ୟ କବିତା ସଂଗ୍ରହ କରି ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର।